ଶନିବାର, ୧୯ ଜୁଲାଇ, ୨୦୨୫

# ପିଲାଙ୍କ ଧରିତ୍ରୀ



## ଖିଲି ଖିଲି ହସ

ଜଣେ ମହିଳା ବ୍ୟସ୍ତ ହୋଇ ମୋବାଇଲ ଦୋକାନକୁ ଗଲେ।
ଦୋକାନୀ : କ'ଣ ହେଲା ?
ମହିଳା: ମୋ ମୋବାଇଲ୍‌ରେ କାହିଁକି ନେଟ୍‌ୱର୍କ ଆସୁନି ଦେଖିଲ ଭାଇନା।
ଦୋକାନୀ: ମାଡାମ୍, ଇଏ ଖରାପ ପାଗ ପାଇଁ ଏମିତି ହୋଇଛି।
ମହିଳା: ଏଇ ନିଅ ୫୦୦ ଟଙ୍କା, ଭଲ ପାଗ କରିଦିଅ।

ଜଣେ ପାଗଳ ଆଇନାରେ ତା' ମୁହଁ ଦେଖୁଥାଏ। ନିଜକୁ ଆଇନାରେ ଦେଖିକି କହିଲା- ଯାକୁ ମୁଁ କେଉଁଠି ଦେଖିଛି। ବହୁତ ଭାବିଲା ପରେ କହିଲା- ଧେ' ତେରିକି ଏଇ ତ ସେଇ ବ୍ୟକ୍ତି, ଯିଏ ସେଦିନ ମୋ ସହିତ ମିଶି ଚୁଟି କାଟୁଥିଲା।

ରମନ୍ ତା' ସାଙ୍ଗ ଅମନ୍‌କୁ କହିଲା- ଜାଣିଚୁ ସାଙ୍ଗ, କେବେ ଭାବିଚୁ ସବୁ ମେଡିସିନ୍ ଷ୍ଟ୍ରିପ୍‌ରେ କାହିଁକି ୧୦ଟା ଟାବଲେଟ୍ ଥାଏ।
ଅମନ୍: ଜଣାନାହିଁ।
ରମନ୍ : ତୋ ଜାଣିବା ଲାଗି କହିଦଉଛି, ୧୦ ଟାବଲେଟ୍ ପ୍ରଥା ସେବେଠୁ ଆରମ୍ଭ, ଯେବେଠାରୁ ଲଙ୍କା ଅଧିପତି ରାବଣଙ୍କ ମୁଣ୍ଡ ବିନ୍ଧୁଥିଲା।

# ଟିକି ମୁଣ୍ଡରେ ବହୁତ ବୁଦ୍ଧି



ଗପ

ରାମପୁର ନାମରେ ସୁନ୍ଦର ଗାଁଟିଏ। କିନ୍ତୁ ଫି' ବର୍ଷ ଖରାଦିନେ ସେଠାରେ ଜଳର ଅଭାବ ଦେଖାଯାଏ। ଗାଁବାଲାଏ ଇନ୍ଦ୍ର ଦେବତାଙ୍କ କୃପାକୁ ଚାତକ ଭଳି ଚାହିଁରହନ୍ତି। ଯୋଗକୁ ଏ ବର୍ଷ ଇନ୍ଦ୍ରଦେବ ପ୍ରସନ୍ନ ହେଲେ। ଢୁ ଢୁ ହୋଇ ଅସରାଏ ମେଘ ବର୍ଷିଗଲା। କେତେ ବର୍ଷାଜଳକୁ ସଂରକ୍ଷଣ କରି ରଖିଲେ। ବର୍ଷାଜଳ ସରି ସରି ଆସୁଥିବାବେଳେ ଲୋକେ ବର୍ଷାପାଣି ନଷ୍ଟ କରିବା ଆରମ୍ଭ କରିଦେଲେ। ସେ ଗାଁରେ ଟିଣ୍ଟୁ ବୋଲି ପିଲାଟିଏ ତା' ବାପାମାଆଙ୍କ ସାଙ୍ଗରେ ରହୁଥାଏ। ବୟସ ମୋଟେ ସାତବର୍ଷ। ଖୁବ୍ ଚାଲାକ। ଗୋଟିଏ ନୂଆ ଜିନିଷ ଦେଖିଲେ ସେ ବିଷୟରେ ବହୁତ କିଛି ଜାଣିବା ପାଇଁ କୌତୂହଳୀ ହୋଇଉଠେ। ନୂଆ ନୂଆ କଥା ଜାଣିବା ପାଇଁ ମନରେ ତା'ର ଉତ୍କଣ୍ଠା ବଢିବଢି ଚାଲେ। ବହୁତ କିଛି ଭାବିଚିନ୍ତି ସେ ସମସ୍ୟାର ସମାଧାନ କରିବାକୁ ଚେଷ୍ଟାକରେ। ନୂଆ ଜିନିଷ ବିଷୟରେ ବେଶି କିଛି ଜାଣିବା ଉଦ୍ଦେଶ୍ୟରେ ଗୁରୁଜୀ ଗୁରୁମା' ଓ ବାପା ମା'ଙ୍କୁ ମଧ୍ୟ ଗୁଡ଼େଇ ତୁଡ଼େଇ କରି ପ୍ରଶ୍ନକରେ।

ଦିନେ ବିଦ୍ୟାଳୟରେ ବିଜ୍ଞାନ ଗୁରୁଜୀ ଶ୍ରେଣୀକକ୍ଷକୁ ପ୍ରବେଶ କଲେ। ପିଲାମାନଙ୍କୁ ଚାହିଁ ଗୁରୁଜୀ କହିଲେ- ଆଚ୍ଛା ପିଲାଏ, ଆମେ ଯଦି ବର୍ଷାଦିନେ ସୁଚାରୁରୂପେ ଜଳ ସଞ୍ଚୟ କରିବା ତେବେ ଜଳହ୍ରାସଜନିତ ସମସ୍ୟାକୁ ମୁକାବିଲା କରିବାରେ ସଫଳ ହୋଇପାରିବା। ଏମିତି କଲେ ଆମକୁ ଆଉ ଜଳକଷ୍ଟ ଭୋଗିବାକୁ ପଡିବ ନାହିଁ। ଏହାକୁ ଆମେ ଜଳ ସଂରକ୍ଷଣ ବୋଲି କହିଥାଉ।

ଟିଣ୍ଟୁ ଦିମାକରେ କ'ଣ ଗୋଟେ ଠନ୍‌ଠନ୍ ଶବ୍ଦ କଲା। ସେ ଭାବିଲା, ମୁଁ ମଧ ବର୍ଷାଜଳ ସଞ୍ଚୟ କରିବି। ବୋଧହୁଏ ଗାଁଲୋକେ ଏ ଦିଗରେ ମତେ ସାହାଯ୍ୟ କରିପାରନ୍ତି। ଏଥିପାଇଁ ସେ ପ୍ରଥମେ ଛାତକୁ ଭଲଭାବେ ସଫା କରିଦେଲା। ଛାତରେ ଗୋଟିଏ ପାଇପ୍ ଲଗେଇଦେଲା। ଛାତ ଉପରେ ଜମୁଥିବା ପାଣିକୁ ପାଇପ ମଧ୍ୟଦେଇ ବଡ଼ ବଡ଼ ଡ୍ରମରେ ଭରିବାକୁ ଲାଗିଲା। ଏହା ସହିତ ଘର ପାଖରେ ଥିବା ଏକ ଖାଲରେ ପ୍ଲାଷ୍ଟିକ୍ ଜରି ପକାଇ ତା' ଭିତରକୁ ବି ପାଣି ଛାଡିଲା। ଖାଲି ସେତିକି ନୁହେଁ ବାଲ୍‌ଟି, ଟବ୍ ଓ ବୋତଲ ଯାହାକିଛି ତା' ହାତରେ ପଡ଼ିଲା ସବୁଥିରେ ପାଣିଭର୍ତ୍ତି କରିବାରେ ଲାଗିପଡ଼ିଲା। ତା'ର ଏଭଳି କାମ ଦେଖି ଗାଁଲୋକେ ଟାହିଟାପରା କରିବାକୁ ଲାଗିଲେ। ଥଟ୍ଟା ପରିହାସରେ କେତେ କ'ଣ କହିଚାଲିଲେ।

ବର୍ଷାଦିନ ପରେ ଭୂତଳ ଜଳସ୍ତର କ୍ରମେ ହ୍ରାସ ପାଉଥିଲା। ଗାଁର କୂଅ ପୋଖରୀ ଓ ଚାପାକଳ ସବୁ ଶୁଖିଗଲା। ପାଣି ମୁନ୍ଦେ ପାଇଁ ଗାଁ ଲୋକେ ଡହଳ ବିକଳ ହେବାକୁ ଲାଗିଲେ। କିନ୍ତୁ ସେତେବେଳେ ଟିଣ୍ଟୁ ଘରେ ପାଣି ମହଜୁଦ ଥିଲା। ଏହାଦେଖି ସମସ୍ତେ ଆଶ୍ଚର୍ଯ୍ୟଚକିତ ହୋଇପଡ଼ିଲେ। ବର୍ଷାଜଳ କେମିତି ସଞ୍ଚୟ କରାଯାଏ ସେଇ କାଇଦା କୌଶଳ ସେ ଗାଁବାଲାଙ୍କୁ ବତେଇଦେଲା। ଧୀରେଧୀରେ ଗାଁସାରା ଲୋକେ ବର୍ଷାଜଳ ସଂରକ୍ଷଣ କରିବାକୁ ଲାଗିଲେ। ଏବେ ଗାଁବାଲାଙ୍କ ତୁଣ୍ଡରେ ଗୋଟିଏ କଥା- ଟିଣ୍ଟୁ ବକଟେ ହେଲେ କ'ଣ ହେଲା ତା' ମୁଣ୍ଡରେ ବୁଦ୍ଧି ଖୁନ୍ଦି ହୋଇରହିଛି। ଏଣିକି ସେ ଗାଁର ଲୋକେ ଆଉ କେବେ ବି ଜଳ ଅଭାବଜନିତ ସମସ୍ୟାର ସମ୍ମୁଖୀନ ହେଉନାହାନ୍ତି।

– **ନଗେନ୍ଦ୍ର ନାଥ ପଟ୍ଟନାୟକ**
ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର
ମୋ: ୯୪୩୮୩୩୨୧୩୮

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com


# କୁଂ-ଫୁ କଳା



ଚାଇନାର ଏକ ମାର୍ଶାଲ ଆର୍ଟ ହେଉଛି କୁଂ-ଫୁ। ଏକଥା ପ୍ରାୟ ସମସ୍ତେ ଜାଣନ୍ତି। କିନ୍ତୁ ଏକଥା କ୍ୱଚିତ୍ ଜାଣନ୍ତି କି ଏହାର ଉତ୍ପତ୍ତିସ୍ଥଳ ହେଉଛି ଭାରତ। ଇତିହାସରୁ ଜଣାଯାଏ ଭାରତର ବୌଦ୍ଧ ଭିକ୍ଷୁ ବୋଧିଧର୍ମନ ପ୍ରଥମେ ଏହି ଯୁଦ୍ଧକଳା ଆରମ୍ଭ କରିଥିଲେ। ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ନିମନ୍ତେ ସେ ଚାଇନା ଯାଇଥିଲେ ଓ ସେଠାରେ ତାଙ୍କର କେତେଜଣ ଶିଷ୍ୟ ମଧ କରିଥିଲେ। ଆଉ ତା'ପରେ ସେମାନଙ୍କୁ ପ୍ରାଚୀନ ଯୁଦ୍ଧ କଳା କଲରୀ ପଟ୍ଟୁ ଶିଖାଇଥିଲେ। ପର ମୁହୂର୍ତ୍ତରେ ସେଠାକାର ସ୍ଥାନୀୟ ଭାଷା ଅନୁସାରେ ଧୀରେ ଧୀରେ କିଛି ପରିବର୍ତ୍ତନ ହୋଇ କୁଂ- ଫୁ ନାମରେ ପ୍ରସିଦ୍ଧ ହୋଇପାରିଛି। ଆଉ କେତେକେ କହନ୍ତି ଭଗବାନ ହିଁ ଏହାକୁ ସୃଷ୍ଟି କରିଛନ୍ତି। ଦେଶ ବିଦେଶରେ ଲୋକପ୍ରିୟ ହୋଇଥିବା ଏହି କଳାକୁ ଅତୀତରେ ଦୁଇଥର ବ୍ୟାନ୍ କରାଯାଇଥିଲା। ଫଳରେ ସାଧାରଣରେ ଏହି କଳା ପ୍ରଦର୍ଶନ ଉପରେ କଟକଣା ଲାଗିଥିଲା। କିଛି ବର୍ଷ ପରେ ଏହି କଳା ପୁଣି ଥରେ ଲୋକପ୍ରିୟ ହୋଇଥିଲା। ଏହି କଳାକୁ ବିଶ୍ୱ ଦରବାରରେ ଲୋକପ୍ରିୟ କରାଇବାରେ ବ୍ରୁଶ ଲିଙ୍କର ବିଶେଷ ଅବଦାନ ରହିଛି। ବିଭିନ୍ନ ଟ୍ରେନିଂ ସ୍କୁଲ, ଟିଭି କାର୍ଯ୍ୟକ୍ରମ ଓ ସିନେମା ମାଧ୍ୟମରେ ସେ ଏହି କଳାର ପ୍ରଦର୍ଶନ କରାଇ ଦୃଷ୍ଟି ଆକର୍ଷଣ କରିପାରିଥିଲେ।

ତୁମ ପଢ଼ିବା ପାଇଁ

## ଆହେ ପ୍ରଭୁ ଜଗନ୍ନାଥ




ଜଗତର ନାଥ ଜଗନ୍ନାଥଙ୍କ ମହିମାକୁ ସ୍ତବକ ମାଧମରେ ରଚନା କରାଯାଇଛି। ଏହାର ନାମ ରହିଛି 'ଆହେ ପ୍ରଭୁ ଜଗନ୍ନାଥ'। ବରିଷ୍ଠ ଚିକିତ୍ସକ ଡା. ରାମଚନ୍ଦ୍ର ରାଉତ ଏହାକୁ ରଚନା କରିଛନ୍ତି। 'କ-କ୍ଷ' ପର୍ଯ୍ୟନ୍ତ ଅକ୍ଷରମାଳାକୁ ନେଇ ରଚିତ ଏହି ସ୍ତବକକୁ 'ଚକା ଚୟନକୁ ପତିତ କେହି.. ରସକୁଲ୍ୟା' ସ୍ୱରରେ ଆବୃତ୍ତି କରାଯାଇପାରିବ। ୩୬ ପୃଷ୍ଠା ବିଶିଷ୍ଟ ଏହି ସଚିତ୍ର ସ୍ତବକର ମୂଲ୍ୟ ରହିଛି ୨୦ ଟଙ୍କା।

ଯୋଗାଯୋଗ : ଡା. ରାମଚନ୍ଦ୍ର ରାଉତ, ଗୋପାଳପୁର (ହରିହରଭେଟ), ପାଟପୁର, ବାଙ୍କୀ, କଟକ

## ପ୍ରତିଘାତ

- 'ସଞ୍ଚୟ' ବିଷୟଟି ପଢ଼ି ସେ ବିଷୟରେ ଅନେକ କଥା ଜାଣିହେଲା।
  **–ସୁଜିତ ନାୟକ, ପୁରୀ**
- ଏଥର 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡିକ ସୁନ୍ଦର ହୋଇଛି।
  **–ସୁଚିତ୍ରା ଦାସ, ଢେଙ୍କାନାଳ**
- 'କବିତା' ସ୍ତମ୍ଭରେ ପ୍ରକାଶିତ କବିତାଗୁଡିକ ପଢ଼ି ଭଲ ଲାଗିଲା।
  **–ପ୍ରଜ୍ଞା ପରିମିତା ମହାନ୍ତି, ରାଉରକେଲା**
- 'କଙ୍କାଳର ଗତି' ବିଷୟଟି ଶିକ୍ଷଣୀୟ ହୋଇଛି।
  **–ବିଜୟ କୁମାର ରାଉତ, ବ୍ରହ୍ମପୁର**



# ସେଲ୍ଫ ରିଡିଂ

**ପାଠପଢ଼ାକୁ ସହଜ କରିବା ପାଇଁ ପିଲାମାନେ ଟ୍ୟୁଶନ୍ ହୁଅନ୍ତି। ହେଲେ ସେମାନେ ଯଦି ସେଲ୍ଫ ରିଡିଂ ବା ନିଜେ ପଢ଼ିବାର ଅଭ୍ୟାସକୁ ଆପଣାଇନେଲେ ଖୁବ୍‌ଶୀଘ୍ର ସଫଳତା ପାଇପାରିବେ। ଜିଜ୍ଞାସୁ ଓ ଆତ୍ମନିର୍ଭର ହେବା ସହିତ ସହଜରେ ପାଠ ବୁଝି ମନେରଖିପାରିବେ। ତେବେ ଏଭଳି ଅଭ୍ୟାସ ନିମନ୍ତେ ଜାଣନ୍ତୁ କିଛି ଉପାୟ।**



ପିଲାଙ୍କ କ୍ଷେତ୍ରରେ ସେଲ୍ଫ ରିଡିଂ ଅଭ୍ୟାସ ସବୁଠୁ ଅଧିକ ପ୍ରଭାବ ପକାଇଥାଏ। ଭବିଷ୍ୟତରେ ବିଭିନ୍ନ ପ୍ରକାରର କମ୍ପିଟିଶନ୍‌କୁ ସାମ୍ନା କରିବା ପାଇଁ ସକ୍ଷମ ହୋଇପାରିବେ। ତେଣୁ ଏହି ଅଭ୍ୟାସକୁ ଆପଣାଇବା ଜରୁରୀ।

## ବୋଝ ଭାବନ୍ତୁ ନାହିଁ

ହୋମୱାର୍କ କରିବା ହେଉ ଅବା ଅନ୍ୟ କିଛି ପାଠପଢ଼ାକୁ ବୋଝ ଭାବନ୍ତୁ ନାହିଁ। ନିଜେ ଏସବୁ କରିବା ପାଇଁ ଚେଷ୍ଟା କରନ୍ତୁ। ଯଦି ଏକୁଟିଆ ବସି ପଢ଼ିବା ପାଇଁ ଇଚ୍ଛା ହେଉ ନ ଥାଏ ତେବେ ଘରେ ସମସ୍ତଙ୍କ ପାଖରେ ବସି ପଢ଼ନ୍ତୁ। ଏହାଦ୍ୱାରା ଯଦି କୌଣସି ପାଠ ଅବୁଝା ହେଉଥାଏ ତେବେ ବଡ଼ମାନଙ୍କର ସାହାଯ୍ୟ ନିଅନ୍ତୁ। ଏମିତି ଭାବରେ ନିଜ ଚେଷ୍ଟାରେ ପାଠ ବୁଝିପାରିଲେ ତାହା ସବୁଦିନ ପାଇଁ ମନେ ରହିଯିବ ଓ ଏକା ଏକା ହୋମୱାର୍କ ସାରିଦେଇଥିବାରୁ ଆତ୍ମସନ୍ତୋଷ ବି ମିଳିପାରିବ।

## ସହଜ ଉପାୟ

ଯଦି କୌଣସି ବିଷୟ ପଢ଼ିବା ପାଇଁ ଇଚ୍ଛା ହେଉନାହିଁ ତେବେ ପ୍ରଥମେ କମ୍ ସମୟ ପାଇଁ ଅଳ୍ପ କିଛି ପଢ଼ିବାର ନିଷ୍ପତ୍ତି ନିଅନ୍ତୁ। ଗୋଟିଏ ବିଷୟରୁ ଅଳ୍ପ ପଢ଼ିବା ଦ୍ୱାରା ତାହା ଶୀଘ୍ର ମନେରହିଯିବ ଓ କିଛି ସମୟ ପରେ ପୁଣି ଥରେ ଅଧିକ ପଢିବାକୁ ଇଚ୍ଛା ହେବ। ହୁଏତ ଅଳ୍ପ ପଢିବା ପରେ ସଙ୍ଗେ ସଙ୍ଗେ ଆହୁରି ଅଧିକ ପଢିବା ନିମନ୍ତେ ଆଗ୍ରହ ବି ସୃଷ୍ଟି ହୋଇପାରେ। ତେଣୁ ପ୍ରଥମେ ପାଠପଢ଼ା ଆରମ୍ଭ କରିଦେବା ଦରକାର।

## ପଏଣ୍ଟ କରନ୍ତୁ

କୌଣସି ବିଷୟ ପଢ଼ିବା ପରେ ଜରୁରୀ ପଏଣ୍ଟକୁ ବିଭିନ୍ନ ରଙ୍ଗର ସ୍କେଚ୍ ପେନ୍‌ରେ ଅଣ୍ଡରଲାଇନ୍ କରନ୍ତୁ। ଏଭଳି କରିବା ଫଳରେ ଅନ୍ୟ ଯେକୌଣସି ସମୟରେ ବହି ଖୋଲିବା ମାତ୍ରେ ରଙ୍ଗ ଦିଆଯାଇଥିବା ପଏଣ୍ଟଗୁଡିକୁ ଦେଖିଲେ ପାଠ ସବୁ ସଙ୍ଗେ ସଙ୍ଗେ ମନେପଡିଯିବ। ଫଳରେ ରିଭିଜନ୍ କରିବାକୁ ସହଜ ହେବ। ଆବଶ୍ୟକ ହେଲେ ବହିରୁ ଏସବୁ ପଏଣ୍ଟକୁ ନିଜେ ଏକ କାଗଜରେ ଲେଖି କାନ୍ଥ କିମ୍ବା ନୋଟିସ ବୋର୍ଡରେ ଲଗାଇ ଦିଅନ୍ତୁ। ବିଭିନ୍ନ ସମୟରେ ନଜର ପଡ଼ିଗଲେ ପଢ଼ିବା ପାଇଁ ଇଚ୍ଛା ହେବ ଓ ପାଠ ଶୀଘ୍ର ମନେରହିବ।



## ଏମାନେ କ'ଣ କରନ୍ତି

### ଏବେ ଅଭ୍ୟାସ ହୋଇଗଲାଣି



ଆଗରୁ ଏକା ବସି ପଢ଼ିବା ପାଇଁ ଇଚ୍ଛା ହେଉ ନ ଥିଲା। କିନ୍ତୁ ମାମା ସବୁବେଳେ ପାଖରେ ବସି ମତେ ପଢିବା ଅଭ୍ୟାସ କରାଇ ଦେଇଛି। ଏକୁଟିଆ ମତେ ବୋର୍ ଲାଗିବ ନାହିଁ ବୋଲି ମୋ ପାଖରେ ପଢ଼ା ଶେଷ ପର୍ଯ୍ୟନ୍ତ ବସିଥାଏ ଓ ନିଜେ ବିଭିନ୍ନ ପ୍ରକାରର ବହି ପଢୁଥାଏ। ସେଥିପାଇଁ ମତେ ବି ପଢିବାକୁ ଇଚ୍ଛା ହୁଏ। ଏବେ ମାମା ପାଖରେ ନ ବସିଲେ ବି ମୁଁ ମୋର ପାଠପଢ଼ା କରୁଛି। ଅବଶ୍ୟ ଟିକେ ବୋର୍ ଲାଗିଲେ ଅଲଗା ଘରେ ଏକୁଟିଆ ନ ପଢ଼ି ମାମା ଯେଉଁ ଘରେ କାମ କରୁଥାଏ ସେଇଠାରେ ଆସି ପଢୁଛି। ମଝିରେ ମଝିରେ ତା' ସହିତ କଥା ହୁଏ, କିଛି ପାଠ ବୁଝି ନ ପାରିଲେ ତାକୁ ପଚାରୁଛି।

**– ଜନ୍ମେଜୟ ଦାଶ**

କ୍ଲାସ–୬, ଶ୍ରୀ ଅରବିନ୍ଦ ଇନଷ୍ଟିଚ୍ୟୁଟ ଅଫ୍ ହାୟର ଷ୍ଟଡିଜ୍ ଆଣ୍ଡ ରିସର୍ଚ୍ଚ, କଲ୍ୟାଣୀ ନଗର, କଟକ

### ବହୁତ ଭଲ ଲାଗୁଛି



ଆମେ ଦୁଇ ଭାଇଭଉଣୀ ଏକାଠି ବସି ପଢୁ। ତେଣୁ ଉଭୟଙ୍କ ମଧ୍ୟରେ ପଢ଼ିବା ନେଇ ଏକ ପ୍ରକାରର ପ୍ରତିଯୋଗୀତା ହୁଏ କହିଲେ ଭୁଲ୍ ହେବ ନାହିଁ। ଯିଏ ବି ନ ପଢ଼େ ତା' ନାଁରେ ମାମା ପାଖରେ ଅଭିଯୋଗ କରାଯିବ ବୋଲି ଦୁଇଜଣଯାକ ସବୁ ହୋମୱାର୍କ କରୁ। ତା'ଛଡା ପାଠ ବ୍ୟତୀତ ମତେ ଏବେ ଅନ୍ୟ ସବୁ ମାଗାଜିନ୍ ଓ ଗପବହି ପଢିବାକୁ ଇଚ୍ଛା ହେଉଛି। ଏହା ବ୍ୟତୀତ ସାର୍ କହିଛନ୍ତି ବୋଲି ସବୁଦିନ ଖବରକାଗଜ ପଢୁଛି ଓ ସେଥିରୁ କିଛି ଗୁରୁତ୍ୱପୂର୍ଣ୍ଣ ଖବରକୁ ଗୋଟିଏ ପୃଷ୍ଠାରେ ଲେଖି ଦେଖାଉଛି। ତେଣୁ ଫୋନ୍‌ରେ ପଢିବା ବଦଳରେ ବହିରେ ସିଧାସଳଖ ପଢିବାକୁ ମତେ ଏବେ ବହୁତ ଭଲ ଲାଗୁଛି।

**– ସାଇନା ମହାନ୍ତି**

କ୍ଲାସ– ୫, ସରସ୍ୱତୀଶିଶୁ ବିଦ୍ୟାମନ୍ଦିର, ସତ୍ୟ ବିହାର, ଭୁବନେଶ୍ୱର

## ଚାଲି ଚାଲି ପଢ଼ିବା

ଏହା ମଧ୍ୟ ପାଠ ପଢ଼ିବାର ଏକ ସୁନ୍ଦର ଷ୍ଟାଇଲ୍। ସମସ୍ତଙ୍କ ପାଖରେ ଥିବାବେଳେ ଏପଟ ସେପଟ ଚାଲି ଚାଲି ବହିକୁ ଅନାଇ ବଡ଼ ପାଟିରେ ପଢ଼ିବାର ଏକ ଭିନ୍ନ ଆନନ୍ଦ ଥାଏ। ଏକ ନିର୍ଦ୍ଦିଷ୍ଟ ବାଟରେ ଯିବା ଆସିବା କରିବା ସହିତ ବଡ଼ ପାଟିରେ ପଢ଼ିଲେ ଏକ ସମୟରେ ବୋର୍ ଲାଗି ନ ଥାଏ ଓ ସମସ୍ତଙ୍କ ଉପସ୍ଥିତି ମଧ୍ୟ ଭଲ ଲାଗେ। ଏଭଳି ପଢ଼ିବା ସମୟରେ ଯାହା ପଢୁଛନ୍ତି ସେସବୁ ଅନ୍ୟମାନଙ୍କୁ ବୁଝାଇ କୁହନ୍ତୁ। ଏହା ଦ୍ୱାରା କଥାବାର୍ତ୍ତା ଶୈଳୀରେ ପାଠପଢ଼ା ବି ହୋଇଯିବ ଓ ସହଜରେ ମନେ ବି ରହିବ।

## ପାଠ ବ୍ୟତୀତ

ସବୁବେଳେ କେବଳ ପଢ଼ାବହି ଯେ ପଢ଼ିବେ ସେକଥା ବି ଠିକ୍ ନୁହେଁ। ସିଲାବସ୍ ବ୍ୟତୀତ ଖବରକାଗଜ, ମାଗାଜିନ୍ ଓ ଗପବହି ଆଦି ପଢ଼ନ୍ତୁ। ପଢ଼ାବହି ସହିତ ଏସବୁର ସମ୍ପର୍କ ବି ରହିଥାଏ। ତା'ଛଡା ପଢ଼ିବାର ଅଭ୍ୟାସ ବଢ଼ିବ ସାଧାରଣ ଜ୍ଞାନ ବି ଅଧିକ ହେବ। ତେଣୁ ଏଭଳି ବିଭିନ୍ନ ପ୍ରକାରର ମଜାଦାର ବହି ସବୁ ସଂଗ୍ରହ କରନ୍ତୁ।

## ପଢ଼ିବାର ପ୍ରେରଣା

ଯେତେ ଅଧିକ ପଢ଼ିବ ସେତେ ଅଧିକ ଜ୍ଞାନ ବଢ଼ିବ। ଏକଥା ପିଲାମାନେ ମନେରଖିବା ଦରକାର। ବହୁତ ପଢ଼ିବା ଫଳରେ କିଭଳି ସଫଳତା ମିଳିପାରିଛି ସେସବୁ ଉଦାହରଣକୁ ଶୁଣନ୍ତୁ। ତେଣୁ ପଢ଼ିବା ପାଇଁ ନିଜ ଭିତରେ ପ୍ରେରଣା ସୃଷ୍ଟି କରନ୍ତୁ। ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ରଖନ୍ତୁ। ଦିନକୁ ଅତି କମ୍‌ରେ କେତିକି ପଢିବେ ସେନେଇ ଏକ ଟାର୍ଗେଟ୍ ରଖନ୍ତୁ। ଏଭଳି କରିବା ଦ୍ୱାରା କିଛି ଦିନ ପରେ ଆପେ ଆପେ ପଢିବା ପାଇଁ ଆଗ୍ରହ ସୃଷ୍ଟି ହେବ।

**୧**



**ସୁଦୀକ୍ଷା ମିଶ୍ର**
କ୍ଲାସ– ୨, ମିଶନ ସ୍କୁଲ, ଜଟଣୀ, ଖୋର୍ଦ୍ଧା



**ଅନୁଲେଖା ଏମ୍‌ପି ମିଶ୍ର**
କ୍ଲାସ– ୫, ଡିଏଭି ପବ୍ଲିକ ସ୍କୁଲ, ନିମାପଡ଼ା, ପୁରୀ

**୨**

**୩**



**ଅଂଶୁମାନ ସାହୁ**
କ୍ଲାସ– ୮, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଅଙ୍କରାନ୍ତିପୁର, ଓଡ଼ାପଡ଼ା, ଢେଙ୍କାନାଳ



**ଯଶସ୍ୱୀ ପ୍ରଧାନ ସାହୁ**
କ୍ଲାସ– ୬, ସେଣ୍ଟ ଯୋଶେଫ କନଭେଣ୍ଟ ସ୍କୁଲ, ବ୍ରହ୍ମପୁର, ଗଞ୍ଜାମ

**୪**

**୫**



**ଅନ୍ୱେଶ ମହଲା**
କ୍ଲାସ– ୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସତ୍ୟବିହାର, ଭୁବନେଶ୍ୱର



**ଶ୍ରୀହାନ ରାଉତ**
କ୍ଲାସ–୧, ଶ୍ରୀ ଅରବିନ୍ଦ ଇଣ୍ଟେଗ୍ରାଲ ଏଜୁକେଶନ୍ ସେଣ୍ଟର, ଢେଙ୍କାନାଳ

**୬**

**୭**




**ସାୟେଶା ଦାଶ ମହାପାତ୍ର**
କ୍ଲାସ– ଏଲକେଜି, ସ୍ପ୍ରିଙ୍ଗ ଫାର୍ମ ପବ୍ଲିକ ସ୍କୁଲ, ସିଡ୍‌ନୀ, ଅଷ୍ଟ୍ରେଲିଆ



**ଆଶ୍ରିତ ମିଶ୍ର**
କ୍ଲାସ– ୪, ଏକଲବ୍ୟ ଶିକ୍ଷାକେନ୍ଦ୍ର, ନିମାପଡା, ପୁରୀ

**୮**



୧



୨



୩



୪





୫



୬



୭



୮



# ବରଷା

## ବରଷା ଆସିଛି

ବରଷା ଝରିଲା ଜଳରେ ଭରିଲା
ସବୁଜ ଦିଶିଲା ଧରଣୀ
ନିଦାଘ ହଟିଲା ଗଛରେ ଫୁଟିଲା
ଟଗର ମନ୍ଦାର ରଙ୍ଗଣି।
ଚାଷୀ ଭାଇ ଆସି ଲଙ୍ଗଳରେ ଚଷି
କ୍ଷେତରେ ବୁଣିଲା ବିହନ
ବରଷା ଝରିଲେ ବେଙ୍ଗ ବୋବାଇଲେ
ବର୍ଷା ହୁଅଇ ଘନ ଘନ।
ସାଧବ ବୋହୂର ଚାଲିଟି ମନ୍ଥର
ମୋହୁଛି ସୁନ୍ଦର ରୂପରେ
ଡିଏଁ ବେଙ୍ଗରାଣୀ ଦେଖି ବର୍ଷା ପାଣି
ବଗିଚାରେ ଖପ ଖପରେ।
ବରଷା ଝରୁଛି ମୁନା ଯାଉଅଛି
ବିଦ୍ୟାଳୟ ଛତା ଖୋଲିରେ
ବର୍ଷା ପରା ମିତ କରେ ଆମ ହିତ
ଏକଥା ଯିବନି ଭୁଲିରେ।
ବରଷା ଆସିଲେ ବଉଦ ଭାସିଲେ
ମୟୂର ନାଚଇ ବନରେ
ଚାତକ ପିଅଇ ଆକାଶୁ ଝରଇ
ପାଣି ଆନନ୍ଦିତ ମନରେ।
ଜଳଜୀବ ଯେତେ ହରଷିତ ଚିତ୍ତେ
ଖେଳନ୍ତି ବରଷା ଜଳରେ
ବରଷା ପରଶେ ମାଟି ମାଆ ହସେ
ଭରିଲାଣି ଫୁଲ ଫଳରେ।

– ନଳିନୀ ଦାଶ
ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୭୪୯

ବରଷା ଆସିଛି ଧରାକୁ ଛୁଇଁଛି
ତନୁ ମନ ପୁଲକିତ
ଗ୍ରୀଷ୍ମର ନିଦାଘ ଉଭେଇ ଯାଇଛି
ପ୍ରତୀକ୍ଷାର କରି ଅନ୍ତ।
ନବ ପଲ୍ଲବରେ ବୃକ୍ଷଲତା ଯେତେ
ପଲ୍ଲବିତ ହୋଇଥାନ୍ତି
ନାନାବିଧ ଫଳ ପୁଷ୍ପ ସମ୍ଭାରରେ
ମନ ମୋହି ନେଇଥାନ୍ତି।
କୋହଲା ପବନ ଝିପି ଝିପି ବର୍ଷା
ଶିହରଣ ସୃଷ୍ଟି କରେ
ବିଜୁଳି ଚମକ ଘଡ଼ଘଡ଼ି ଶବ୍ଦ
ମନରେ ଛନକା ଭରେ।
ଚଷାପୁଅ ତା'ର ଚାଷ ବେଉଷଣ
ଖୁସି ମନେ କରିଥାଏ
ମେଘ ଖଣ୍ଡମାନ ଆକାଶରେ ଦେଖି
ହରଷରେ ଗୀତଗାଏ।
ବନ୍ୟପକ୍ଷୀ ଯେତେ ଆଶ୍ୱାସନା ପାଇ
କଳରବ କରିଥାନ୍ତି
କୀଟ ଓ ପତଙ୍ଗ ନାନା ଶବ୍ଦ କରି
ଆନନ୍ଦରେ ଡେଇଁଥାନ୍ତି।

– ଶୁଭେନ୍ଦୁ ମହାପାତ୍ର
ବାଣୀନିଳୟ, ଚାଉଳିଆ, ଯାଜପୁର
ମୋ: ୯୪୩୮୦୬୪୯୦୮



## ବାଉଁଶରାଣୀ

ବଜାରେ ବଜା ବାଇଦ ବଜା
ମୋ ନାତି ବିଠୁଲି ଦେଖିବ ମଜା।
ଶୂନ୍ୟ ଦଉଡିରେ ଚାଲିବ ମୋତି
କେଲୁ ପୁଅ ଶୁଣି ଥରାଏ ଛାତି।
କିଛି ଧରିବନି ପାଦେ ଚାଲିବ
ଗୋଡ଼ ଖସିଗଲେ ତଳେ ପଡ଼ିବ।
ବାଜିଲା ଢୋଲକି ବାଜିଲା ତାଳି
ଆରମ୍ଭ ହୋଇଲା ମୋତିର ଚାଲି।
ମୋ ନାତି ବିଠୁଲି ଡରି ଯେ ଗଲା
ଛଳ ଛଳ ଆଖି ଧାଇଁ ଆସିଲା।
ତା' ସାନ ଭଉଣୀ ବିଲି ହସୁଛି
ଛୋଟ ପିଲା ବୋଲି ଝୁରୁନି କିଛି।
ଜେଜେ ଜେଜେ ଖାଲି ଡାକୁଛି ରହି
ବିଲିକି ଆଣି ମୁଁ ଦେଲି କାଖେଇ।
ଶୂନ୍ୟେ ଶୂନ୍ୟେ ଦେଖ ଚାଲିଛି ମୋତି
ପଇସା ଚାଉଳ ପଡେ ତା' କତି।
ଭାରି ମଜା ଖେଳ ଦେଖରେ ପିଲେ
ପେଟ ପାଇଁ ମୋତି ନାଚୁଛି ଭଲେ।
ବିଠୁଲି କହିଲା ବାଉଁଶରାଣୀ
ଜେଜେ ତାକୁ ନେଲେ ପାଖକୁ ଟାଣି।

– ବୀର କିଶୋର ମହାନ୍ତି
ଝାରପଡ଼ା, ଭୁବନେଶ୍ୱର
ମୋ: ୮୪୮୦୩୪୯୬୭୦

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ଅଣ୍ଡା ଉପରେ ଚାଲିଲେ

ଅଣ୍ଡା ଉପରେ ଗୋଡ଼ ରଖି ଚାଲିଲେ ତାହା ନିଶ୍ଚୟ ଫାଟିଯିବ। ଏକଥା ସମସ୍ତେ ଜାଣନ୍ତି। ହେଲେ ଏଭଳି ଏକ ସୂକ୍ଷ୍ମ ଜିନିଷ ଉପରେ ଚାଲିବା ପରେ ବି ତାହା ଆଦୌ ଭାଙ୍ଗି ନାହିଁ। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହାକୁ ସମ୍ଭବ କରି ଦେଖାଇଛନ୍ତି ଚାଇନାର ଲାନ୍




ଗୁଆଙ୍ଫିଂ। ଅଣ୍ଡା ଉପରେ ସେ ଏଭଳି ଭାବରେ ଡେଇଁ ଡେଇଁ ଧୀରେ ପାଦ ପକାଇ ଚାଲିଛନ୍ତି ଯେ ତାହା ଆଦୌ ଭାଙ୍ଗିନାହିଁ। ୧ ମିନିଟ୍ ମଧ୍ୟରେ ସେ ୫ଟି ଅଣ୍ଡା ଉପରେ ଚାଲିଛନ୍ତି ଯାହା ସମ୍ପୂର୍ଣ୍ଣ ଅକ୍ଷତ ରହିପାରିଛି। ଏଭଳି ଅଜବ କାରନାମା ପାଇଁ ସେ ଗିନିଜ୍ ରେକର୍ଡରେ ବି ସ୍ଥାନ ପାଇଛନ୍ତି। ଭିନ୍ନ କଥା ହେଉଛି କି ଲାନ୍ ତାଙ୍କ ନିଜ ରେକର୍ଡକୁ ନିଜେ ଭାଙ୍ଗିଛନ୍ତି। ୨୦୧୮ ମସିହାରେ ସେ ୧ ମିନିଟ୍ ମଧ୍ୟରେ ୪ଟି ଅଣ୍ଡା ଉପର ଦେଇ ଚାଲି ପାରିଥିଲେ। ଚଳିତ ବର୍ଷ ମାର୍ଚ୍ଚ ମାସରେ ସେ ପୁଣି ଥରେ ନିଜ ରେକର୍ଡ ଭାଙ୍ଗି ଏହି ସଫଳତା ହାସଲ କରିଛନ୍ତି। ତେବେ ଅଣ୍ଡା ଉପରେ ଏଭଳିଭାବେ ଚାଲିବା ପାଇଁ ସେ ଢେର ଦିନରୁ ଅଭ୍ୟାସ ଜାରି ରଖିଥିଲେ।

## ଏଥର



- ମଗଧ ସାମ୍ରାଜ୍ୟର ସ୍ଥାପନା କିଏ କରିଥିଲେ ?
- ଜୈନଧର୍ମର ପ୍ରତିଷ୍ଠାତା ?
- ଇଂରେଜ ଶାସନ ସମୟରେ ଭାରତରେ ଶେଷ ଭାଇସରାଏ କିଏ ରହିଥିଲେ ?
- କେଉଁ ମସିହାରେ ଭାରତଛାଡ଼ ଆନ୍ଦୋଳନ ହୋଇଥିଲା ?
- କେଉଁ ଦେଶର ୯୦ଭାଗ ବରଫରେ ପରିପୂର୍ଣ୍ଣ ?

## ଉତ୍ତର

### ଗତଥରର



- ଲାକ୍ଷାଦ୍ୱୀପ
- ୭୮ ପ୍ରତିଶତ
- ଦୁଇଟି
- ଟ୍ରପୋସ୍ଫିୟର
- ଇଣ୍ଡସ ଭ୍ୟାଲି ବା ହରପ୍ପା ସଭ୍ୟତା

## କହିଲ ଦେଖି

ପିଲା ତ ପିଲା କିଭଳି ପିଲା
ଖେଳେ ବୁଲେ ଡିଏଁ ପଢ଼େ,
ଦାମୀ ଧାତୁ ସହ ତୁଳନୀୟ ସିଏ
ନିଜ ଭବିଷ୍ୟତ ଗଢ଼େ।
ତା' ପରି ଅଛି ବା କିଏ,
ବାପା,ମାଆ, ଗୁରୁ କଥା ମାନି ଚଳେ
ଭଲ ବ୍ୟବହାର ଦିଏ।



ଉତ୍ତର – **ସୁନାପିଲା**

ବାସ ନାହିଁ ରୂପ ରଙ୍ଗ ରହିଛି
ଧାତୁ ହୋଇ ମନ ମୋହି ନେଉଛି।
ଚିର ପରିଚିତ ଦାମିକା ଚିଜ,
ନାରୀମାନେ ବେଶି ଭଲ ପାଇଥା'ନ୍ତି
ଦେହର ଏ ଗୋଟେ ସଜ।



ଉତ୍ତର – **ସୁନା ବା ସୁବର୍ଣ୍ଣ**

ଅତି ଚକ୍ ମକ୍ ଧଳା ଧାତୁଟିଏ
ଅଳଙ୍କାର ଭାବେ ଚାହିଦା ଭଲ,
ତାରକସି କାମ ଏଥିରେ ହୁଅଇ
କିଣି ଆଣିବାକୁ କଟକ ଚାଲ।
ଦାମ୍ ବି ବେଶି ନୁହଁ,
ଆଇ ପିନ୍ଧୁଥିଲା ମାଆ ପିନ୍ଧୁଅଛି
ଏହାର ନାମ ଟି କୁହ।



ଉତ୍ତର – **ରୁପା**


ଦାମ୍ ସିନା ନୁହଁ ହୀରା ଭଳିଆ
କାମ ମୂଲ୍ୟବାନ ରଙ୍ଗ କାଳିଆ
କଳା ହୀରା ନାମ ପାଇଛି,
ରୋଷେଇ ଓ କାରଖାନା ପାଇଁ ଲୋଡ଼ା
ଦେଖିବି ଖଣିରୁ ହେଉଅଛି ତଡ଼ା
ଆଜି ତାଳଚେର ଯାଉଛି।
କୁହ କାହା କଥା କହୁଛି ?



ଉତ୍ତର – **କୋଇଲା**

– କବିଜ୍ୟୋତି ନିରଞ୍ଜନ ପତି
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୫୯


# ଦାମୀ ଲୁହ



ପିଲାମାନେ ! ତୁମେ ତ ବିଭିନ୍ନ ଜୀବଜନ୍ତୁ ଦେଖିଛ ଏବଂ ସେମାନଙ୍କ ବିଷୟରେ ଅଳ୍ପ ବହୁତ ଜାଣିଛ । ଏଠାରେ ଏପରି ଏକ ପ୍ରାଣୀ ବିଷୟରେ ସୂଚନା ଦିଆଯାଉଛି, ଯାହାର ଲୁହର ଦାମ୍ ବେଶ୍ ଅଧିକ। କାହିଁକି ନା ଏହି ପ୍ରାଣୀର ଲୁହରେ ଆଣ୍ଟିବଡି ତତ୍ତ୍ୱ ରହିଛି। ସେହି ପ୍ରାଣୀ ହେଉଛି ଓଟ। ସାପକାମୁଡ଼ା ଔଷଧ ପ୍ରସ୍ତୁତ କରିବା ପାଇଁ ଏହାର ଲୁହକୁ ବ୍ୟବହାର କରାଯାଇଥାଏ। ବିଶ୍ୱରେ ଯେତେ ବିଷଧର ସାପ ଦେଖାଯା'ନ୍ତି, ସେମାନଙ୍କ ମଧ୍ୟରୁ କିଙ୍ଗ୍ କୋବ୍ରା, କମନ୍ କ୍ରେଟ୍ ଏବଂ ରସେଲ୍ସ ଭାଇପର ଅନ୍ୟତମ। ରସେଲ୍ସ ଭାଇପର ଏପରି ଏକ ସାପ, ଯଦି କୌଣସି ବ୍ୟକ୍ତିଙ୍କୁ କାମୁଡ଼ିଥାଏ ; ତେବେ ତାଙ୍କ ଜୀବନ ଅଳ୍ପ ସମୟ ମଧ୍ୟରେ ଚାଲିଯାଏ। ଏକ ଗବେଷଣାରୁ ଜଣାପଡ଼ିଛି ଯେ, ମରୁଭୂମିର ଜାହାଜ ଭାବରେ ପରିଚିତ ଓଟର ଲୁହରେ ୨୬ ପ୍ରକାର ସାପର ବିଷକୁ ପ୍ରତିହତ କରିବାର କ୍ଷମତା ରହିଛି। ରାଜସ୍ଥାନର ବିକାନେରସ୍ଥିତ ନ୍ୟାଶନାଲ 'ରିସର୍ଚ୍ଚ ସେଣ୍ଟର ଅନ୍ କ୍ୟାମେଲ' ଓଟର ଲୁହ ଉପରେ ଗବେଷଣା କରି ଏକଥା ଜାଣିପାରିଛନ୍ତି।



# ମୁଣ୍ଡ କଟିଗଲା ପରେ ବି ଜୀବିତ



ସାଧାରଣତଃ କୌଣସି ପ୍ରାଣୀର ମୁଣ୍ଡ କଟିଗଲେ ସେ ବଞ୍ଚିପାରିବ ନାହିଁ। କିନ୍ତୁ ଅସରପା ଏମିତି ଏକ ଜୀବ , ଯାହାର ମୁଣ୍ଡ କଟିଗଲେ ବି ସେ ଏକ ସପ୍ତାହ ପର୍ଯ୍ୟନ୍ତ ଜୀବିତ ରୁହେ। ଘରେ ବିଶେଷ ଭାବରେ କିଚେନ୍‌ରେ ଏମାନଙ୍କୁ ଦେଖିବାକୁ ମିଳିଥାଏ। ତେବେ ମୁଣ୍ଡ କଟିଯିବା ପରେ ଏହି ଜୀବ କିପରି ବଞ୍ଚିରୁହେ- ଏହା ପଛରେ ବି ବୈଜ୍ଞାନିକ ମତ ରହିଛି, ଯାହା ବିଷୟରେ ତୁମେମାନେ ଜାଣିବା ନିହାତି ଆବଶ୍ୟକ। ବୈଜ୍ଞାନିକମାନଙ୍କ ମତରେ, ଅସରପାର ମସ୍ତିଷ୍କ କେବଳ ତା' ମୁଣ୍ଡରେ ସୀମିତ ନାହିଁ, ତା' ସମ୍ପୂର୍ଣ୍ଣ ଶରୀରରେ ମଧ୍ୟ ରହିଛି। ଏହା ବ୍ୟତୀତ ଅସରପା ଶରୀରରେ ଓପନ ସର୍କୁଲେଟୋରି ସିଷ୍ଟମ ରହିଛି। ତେଣୁ ଅସରପା ନାକ ବାଟେ ନିଃଶ୍ୱାସ ନ ନେଇ ତା'ର ଶରୀରରେ ଥିବା ଛୋଟ ଛୋଟ ଛିଦ୍ର ବାଟେ ନିଃଶ୍ୱାସ ନେଇଥାଏ। ଏହି କାରଣରୁ ତା' ମୁଣ୍ଡ କଟିଗଲା ପରେ ବି ସେ ଜୀବିତ ଥାଏ। ମୁଣ୍ଡବିହୀନ ଅବସ୍ଥାରେ ସେ ସବୁ କାମ କରିପାରେ।



# ଭାରତରେ ପ୍ରଥମ ସୂର୍ଯ୍ୟକିରଣ ଏଠାରେ ପଡ଼େ

ଦେଶର ପୂର୍ବଭାଗରେ ଥିବା ଏକ ଛୋଟଗାଁ। ଯେତେବେଳେ ସମଗ୍ର ଦେଶ ଅନ୍ଧାରରେ ଥାଏ, ସୂର୍ଯ୍ୟକିରଣ ପ୍ରଥମେ ଏଠାରେ ପହଞ୍ଚିଥାଏ। ତା'ପରେ ସମଗ୍ର ଦେଶ ଧୀରେ ଧୀରେ ଆଲୋକ ପାଏ।

ଆମେ ସମସ୍ତେ ଜାଣୁ ସୂର୍ଯ୍ୟ ପୂର୍ବଦିଗରେ ଉଦୟ ହୁଏ। ବିଶ୍ୱରେ ଜାପାନକୁ 'ଉଦିତ ସୂର୍ଯ୍ୟର ଦେଶ' କୁହାଯାଏ ଏବଂ ଆମେ ସମସ୍ତେ ଭୂଗୋଳ ପୁସ୍ତକରୁ ଏହା ଜାଣୁ। କିନ୍ତୁ ଭାରତରେ ? ଭାରତରେ ପ୍ରଥମ ସୂର୍ଯ୍ୟୋଦୟ କେଉଁଠାରେ ହୋଇଥାଏ ? ଭୌଗୋଳିକ ଦୃଷ୍ଟିରୁ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ସୂର୍ଯ୍ୟଙ୍କ ପ୍ରଥମ କିରଣ ପାଆନ୍ତି। ତଥାପି ଭାରତର ଏକ ଛୋଟ ଉପତ୍ୟକା ଅଛି, ଯେଉଁଠାରେ ସୂର୍ଯ୍ୟଙ୍କ ପ୍ରଥମ କିରଣ ପଡ଼ିଥାଏ। ଏହି ସ୍ଥାନକୁ 'ଡୋଙ୍ଗ ଭ୍ୟାଲି' କୁହାଯାଏ। ଏହା ହେଉଛି ଅରୁଣାଚଳପ୍ରଦେଶରେ ଅବସ୍ଥିତ ଏକ ଛୋଟ ପର୍ବତ ଉପତ୍ୟକା। ସୂର୍ଯ୍ୟ ପର୍ବତ ପଛରୁ ଉଙ୍କିମାରିବା ପୂର୍ବରୁ ପ୍ରଥମେ ଡୋଙ୍ଗରେ ପହଞ୍ଚିଥାଏ।

ଯେତେବେଳେ ସମଗ୍ର ଦେଶ ଅନ୍ଧାରରେ ଥାଏ, ପ୍ରଥମେ ସୂର୍ଯ୍ୟକିରଣ ଏଠାରେ ପହଞ୍ଚିଥାଏ। ତା'ପରେ ସମଗ୍ର ଦେଶ ଧୀରେ ଧୀରେ ଆଲୋକ ପାଇଥାଏ।

କଚଲ ଦ୍ୱୀପପୁଞ୍ଜ ନିକୋବର ଦ୍ୱୀପପୁଞ୍ଜ ମଧ୍ୟରୁ ଗୋଟିଏ। ଏହି ଦ୍ୱୀପର ପୂର୍ବ ଦିଗରେ ଡୋଙ୍ଗ ଉପତ୍ୟକା ଅବସ୍ଥିତ। ପ୍ରାକୃତିକ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଡୋଙ୍ଗ ଉପତ୍ୟକା ଅନନ୍ୟ। ଏହି ଉପତ୍ୟକା ଅରୁଣାଚଳପ୍ରଦେଶ ଅନ୍ତର୍ଗତ ଅଞ୍ଜାଁ ଜିଲାର ଏକ ଅଂଶ।

ସମୁଦ୍ର ପୃଷ୍ଠଠାରୁ ୧୨୪୦ ମିଟର ଉଚ୍ଚତାରେ ଏବଂ ବ୍ରହ୍ମପୁତ୍ରର ଶାଖାନଦୀ ଲୋହିତ ଏବଂ ସତୀ ନଦୀର ସଙ୍ଗମ ନିକଟରେ ଅବସ୍ଥିତ। ଏହା ଚାଇନା ଏବଂ ମ୍ୟାନ୍‌ମାରର (ବର୍ମା) ଠିକ୍ ମଧ୍ୟଭାଗରେ ଅବସ୍ଥିତ। ଏହି ଗାଁରେ ଭାରତ ସହିତ ଚାଇନା ଏବଂ ମ୍ୟାନ୍‌ମାରର ସୀମା ମିଶିଛି। ସୂଚନା ଅନୁଯାୟୀ, ଏହି ଗାଁର ଜନସଂଖ୍ୟା ମାତ୍ର ୩୫ଜଣ।



ନୂଆବର୍ଷରେ ସୂର୍ଯ୍ୟଙ୍କ ପ୍ରଥମ କିରଣ ଦେଖିବା ପାଇଁ ଦେଶ ବିଦେଶରୁ ପର୍ଯ୍ୟଟକ ଏଠାକୁ ଆସନ୍ତି। ଦିଲ୍ଲୀରେ ଅପରାହ୍ଣ ୪ଟା ହେଲେ ଏଠାରେ ରାତିହୁଏ। ଭୋର ୩ଟାରୁ ଏଠାରେ ସୂର୍ଯ୍ୟଙ୍କ ଲାଲ କିରଣ ଦେଖାଯାଏ। ଏଠାରେ ସନ୍ଧ୍ୟା ପ୍ରାୟ ସକାଳ ପରି।

ଡୋଙ୍ଗ ଗାଁରେ ବର୍ଷର ଯେକୌଣସି ସମୟରେ ଏହି ଅଭିଜ୍ଞତା ପାଇପାରିବେ। ତଥାପି ପରିଦର୍ଶନ କରିବାର ସର୍ବୋତ୍ତମ ସମୟ ହେଉଛି ଏପ୍ରିଲରୁ ଅକ୍ଟୋବର ମଧ୍ୟରେ। ଦିଲ୍ଲୀ ଏବଂ ମୁମ୍ବାଇ ସମେତ ଦେଶର ଅଧିକାଂଶ ଅଞ୍ଚଳ ଯେତେବେଳେ ରାତି ୩ଟା ସୁଦ୍ଧା ଗଭୀର ନିଦ୍ରାରେ ଶୋଇପଡ଼ିଥାଏ, କିନ୍ତୁ ସୂର୍ଯ୍ୟର ପ୍ରଥମ କିରଣ ଡୋଙ୍ଗ ଗାଁରେ ପଡ଼ିଥାଏ ଏବଂ ଭୋର ୪ଟା ସୁଦ୍ଧା ଅଞ୍ଚଳଟି ଆଲୋକରେ ପରିପୂର୍ଣ୍ଣ ହୋଇଯାଏ।

ଡୋଙ୍ଗ ଗାଁରେ ପ୍ରାୟ ୧୨ଘଣ୍ଟା ଦିବାଲୋକ ଥାଏ। ଦେଶର ଅନ୍ୟ ଅଞ୍ଚଳର ଲୋକମାନେ ଅପରାହ୍ଣ ୪ଟାରେ ଚା' ତିଆରି କରୁଥିବା ବେଳେ ଏହି ଗାଁରେ ରାତି ଗ୍ରାସ କରିଥାଏ। ଲୋକମାନେ ରାତ୍ରିଭୋଜନ ରାନ୍ଧିବା ଏବଂ ଶୋଇବା ପାଇଁ ପ୍ରସ୍ତୁତି କରିବାରେ ବ୍ୟସ୍ତ ରୁହନ୍ତି ।

୧୯୯୯ ପୂର୍ବରୁ ଭାରତରେ ସୂର୍ଯ୍ୟଙ୍କ ପ୍ରଥମ କିରଣ ଆଣ୍ଡାମାନର କୁଛଲ ଦ୍ୱୀପରେ ପଡ଼ିଥିଲା ବୋଲି ବିଶ୍ୱାସ କରାଯାଉଥିଲା।

ଏହା ଜଣାପଡୁଛି ଯେ, ପ୍ରଥମ ସୂର୍ଯ୍ୟୋଦୟ ଆଣ୍ଡାମାନରେ ନୁହେଁ, ଅରୁଣାଚଳ ପ୍ରଦେଶର ଡୋଙ୍ଗ ଗାଁରେ ହୋଇଥିଲା। ଏହି ସୂଚନା ପ୍ରକାଶ ପାଇବା ପରେ ଏହି ସ୍ଥାନକୁ ପର୍ଯ୍ୟଟକ ଏବଂ ପ୍ରକୃତିପ୍ରେମୀଙ୍କ ସଂଖ୍ୟା ବହୁତ ବୃଦ୍ଧି ପାଇଛି। ଯଦିଓ ଏହା ପର୍ଯ୍ୟଟକଙ୍କ ପାଇଁ ଏକ ପ୍ରିୟସ୍ଥାନ, କିନ୍ତୁ ଏଠାକୁ ଯିବା ସହଜ ନୁହେଁ। ଏଠାକୁ ପରିଦର୍ଶନ କରିବାକୁ ଏକ ସ୍ୱତନ୍ତ୍ର ଅନୁମତି ଆବଶ୍ୟକ। ଏହି ଅନୁମତିକୁ 'ଇନର ଲାଇନ ପରମିଟ' କୁହାଯାଏ।

– **ମହେଶ ଚନ୍ଦ୍ର ପଟ୍ଟନାୟକ**, ଟିଟାଗଡ,ପଶ୍ଚିମବଙ୍ଗ, କୋଲକାତା ମୋ: ୮୭୭୭୫୬୫୮୬୬

# ଆଇନା



ଅଭିପ୍ରୀତ୍ ପାଲ୍
୮ ବର୍ଷ/ଭୁବନେଶ୍ୱର



ଦିତିଶ୍ରୀ ସ୍ୱାଇଁ
୫ ବର୍ଷ/ଭୁବନେଶ୍ୱର